# NATIONAL NEWS BULLETIN (ODIA)

## 6 June - 2025

## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ଉଦ୍ଧମପୁର-ଶ୍ରୀନଗର-ବାରମୁଲା ରେଳ ସଂଯୋଗ ପ୍ରକଳ୍ପକୁ ଆଜି ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ ପ୍ରଧାନମନ୍ତ୍ରୀ ।
- ଅମରନାଥ ଯାତ୍ରାକୁ ଏକ ସମନ୍ୱିତ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ସେନାବାହିନୀ ପକ୍ଷରୁ ଆରମ୍ଭ କରାଯାଇଛି 'ଅପରେସନ ଶିବ' ।
- ଭାରତ-କେନ୍ଦ୍ରୀୟ ଏସିଆ ସମ୍ମିଳନୀର ଚତୁର୍ଥ ବୈଠକ ଆଜିଠାରୁ ଆରମ୍ଭ ହେବ ନୂଆଦିଲ୍ଲୀରେ ।
- ବେଙ୍ଗାଲୁରୁ ଦଳାଚକଟା ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଲାଗି କର୍ଣ୍ଣାଟକ ସରକାରଙ୍କ ନିଷ୍ପତ୍ତି ।

ଏବଂ

- ଆମେରିକା ରାଷ୍ଟ୍ରପତି ତାଙ୍କର ରୁଷ୍ ପ୍ରତିପକ୍ଷଙ୍କ ସହ ରୁଷ୍-ୟୁକ୍ରେନ୍ ଦ୍ୱନ୍ଦ୍ୱ ଏବଂ ମଧ୍ୟପ୍ରାଚ୍ୟ ସ୍ଥିତି ସମ୍ପର୍କରେ ଟେଲିଫୋନ୍ ଯୋଗେ କଲେ ଆଲୋଚନା ।

# ପିଏମ୍‌-ଜେକେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉଦ୍ଧମପୁର-ଶ୍ରୀନଗର-ବାରମୁଲା ରେଳ ସଂଯୋଗ ପ୍ରକଳ୍ପକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ପ୍ରଧାନମନ୍ତ୍ରୀଙ୍କର ଆଜି ଜାମ୍ମୁ-କାଶ୍ମୀର ଗସ୍ତ ଅବସରରେ ସେ ପ୍ରାୟ ୪୪ ହଜାର କୋଟି ଟଙ୍କା ବ୍ୟୟରେ ନିର୍ମିତ ୨୭୨ କିଲୋମିଟର ଦୀର୍ଘ ଏହି ପ୍ରକଳ୍ପର ଲୋକାର୍ପଣ କରିବେ । ସମ୍ପୂର୍ଣ୍ଣ ବିଦ୍ୟୁତକରଣ ହୋଇଥିବା ଏହି ରେଳଲାଇନ୍‌ରେ ୩୬ଟି ସୁଡ଼ଙ୍ଗ ଏବଂ ୯୪୩ଟି ସେତୁ ରହିଛି । ଚେନାବ ନଦୀ ଉପରେ ୩୫୯ ମିଟର ଉଚ୍ଚତାରେ ଅବସ୍ଥିତ ଚେନାବ ସେତୁ ହେଉଛି ବିଶ୍ୱର ସର୍ବୋଚ୍ଚ ରେଳ ସେତୁ । ବର୍ଷର ସବୁ ସମୟରେ ଏହି ରେଳଲାଇନ୍‌ ମାଧ୍ୟମରେ ସୁଗମ ଯାତ୍ରା ସମ୍ଭବ ହୋଇପାରିବ । ଆଞ୍ଚଳିକ କ୍ଷେତ୍ରରେ ଆର୍ଥିକ ବ୍ୟବସ୍ଥାକୁ ଏହାଦ୍ୱାରା ତ୍ୱରାନ୍ୱିତ କରାଯାଇପାରିବା ସହ ଗମନାଗମନ ଅଧିକ ସୁଗମ ହୋଇପାରିବ । ଭୂକମ୍ପ ଏବଂ ଅଧିକ ପବନର ବେଗ ସହ୍ୟ କରିବାର ଶକ୍ତି ମଧ୍ୟ ଏହାର ରହିଛି । ୧ କିଲୋମିଟରରୁ ଅଧିକ ଦୈର୍ଘ୍ୟବିଶିଷ୍ଟ ଏହି ସେତୁ ଆଇଫେଲ୍‌ ଟାୱାର ଠାରୁ ୩୫ ମିଟର ଉଚ୍ଚ । ଘଣ୍ଟାପ୍ରତି ୨୬୦ କିଲୋମିଟର ପର୍ଯ୍ୟନ୍ତ ପବନର ବେଗ ସହ୍ୟ କରିପାରୁଥିବା ଏହି ସେତୁର ଜୀବନକାଳ ୧୨୦ ବର୍ଷ ଆକଳନ କରାଯାଇଛି । ଭାରତ ବୈଷୟିକ ଦକ୍ଷତାର ଏହା ଅନ୍ୟତମ ପ୍ରତୀକ । ଦୁର୍ଗମ ହିମାଳୟ ଅଞ୍ଚଳରେ ପ୍ରଥମ କେବୁଲ୍‌-ଷ୍ଟେଡ୍‌ ରେଳ ସେତୁ ଭାବେ ଅଞ୍ଜି ସେତୁ ମାନ୍ୟତା ପାଇଛି । ଉଦ୍ଧମପୁର-ଶ୍ରୀନଗର-ବାରମୁଲା ରେଳଲାଇନ୍‌ର କଟ୍ରା ବାନିହାଲ୍‌ ସେକ୍ସନ୍‌କୁ ଏହି ସେତୁ ସଂଯୋଗ କରୁଛି ।

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ୨ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିବେ । ସେଥିମଧ୍ୟରୁ ଗୋଟିଏ ମାତା ବୈଷ୍ଣୋଦେବୀ କଟ୍ରା ଏବଂ ଅନ୍ୟଟି ଶ୍ରୀନଗରରୁ କଟ୍ରାକୁ ଚଳାଚଳ କରିବ । ଆସନ୍ତା ଶନିବାରଠାରୁ ଏହି ଦୁଇଟି ଟ୍ରେନ୍ ସପ୍ତାହକୁ ୬ ଦିନ ଚଳାଚଳ କରିବ । କାଶ୍ମୀର ଉପତ୍ୟକା ଏବଂ ପ୍ରମୁଖ ତୀର୍ଥସ୍ଥଳୀଗୁଡ଼ିକୁ ଏହାଦ୍ୱରା ସଂଯୋଗୀକରଣ ସୁଗମ ହୋଇପାରିବ । ଏ ସମ୍ପର୍କରେ ଅଧିକ ସୂଚନା ଦେଉଛନ୍ତି ଆମ ସମ୍ବାଦଦାତା...

**V/O (Anand Kumar)**

ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଭିନ୍ନ ସଡ଼କ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । କଟ୍ରାଠାରେ ୩୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଶ୍ରୀମାତା ବୈଷ୍ଣୋଦେବୀ ମେଡିକାଲ୍ ଉତ୍କର୍ଷ ପ୍ରତିଷ୍ଠାନର ମଧ୍ୟ ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

# ପିଏମ୍-ଜେକେ ପ୍ରୋଜେକ୍ଟସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଜାମ୍ମୁକାଶ୍ମୀର ଗସ୍ତ କରି ପ୍ରାୟ ୪୬ ହଜାର କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବାକୁ ଥିବା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଗତକାଲି ସମ୍ପୂର୍ଣ୍ଣ

ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ଜାମ୍ମୁ କାଶ୍ମୀରରେ ଉନ୍ନତ ସଂଯୋଗୀକରଣ ଦିଗରେ ଏହି ପ୍ରକଳ୍ପ ଗୁଡ଼ିକର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ସେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି । ଏହି ପୋଷ୍ଟ ଉପରେ ପ୍ରତିକ୍ରିୟା ରଖି ପ୍ରଧାନମନ୍ତ୍ରୀ କହିଛନ୍ତି ୨୦୨୫ ମସିହା ଜୁନ୍ ୬ ତାରିଖ ହେଉଛି ଜାମ୍ମୁକାଶ୍ମୀରବାସୀଙ୍କ ଲାଗି ଏକ ସ୍ୱତନ୍ତ୍ର ଦିନ । ଆଜି ଉଦ୍‌ଘାଟିତ ତଥା ଲୋକାର୍ପିତ ହେବାକୁ ଥିବା ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକ ରାଜ୍ୟବାସୀଙ୍କ ଜୀବନ ଉପରେ ଅନେକ ସକାରାତ୍ମକ ପ୍ରଭାବ ପକାଇବା ସହିତ ସାମଗ୍ରିକ ବିକାଶ ଦିଗରେ ସହାୟକ ହୋଇପାରିବ ବୋଲି ଶ୍ରୀ ମୋଦୀ ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

## ଜେକେ-ଅପରେସନ ଶିବ

ଅମରନାଥ ଯାତ୍ରାକୁ ଏକ ସମନ୍ୱିତ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ସେନାବାହିନୀ ପକ୍ଷରୁ ଜାମ୍ମୁ କାଶ୍ମୀରରେ 'ଅପରେସନ ଶିବ' ଆରମ୍ଭ କରାଯାଇଛି । ଆସନ୍ତା ମାସ ୩ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ୩୮ ଦିନିଆ ଅମରନାଥ ଯାତ୍ରାକୁ ଏହି ଅପରେସନ ମାଧ୍ୟମରେ ସମ୍ପୂର୍ଣ୍ଣ ସୁରକ୍ଷିତ ରଖାଯିବ । ଗତ ଏପ୍ରିଲ ୨୨ ତାରିଖରେ ପହଲଗାମ ସନ୍ତ୍ରାସବାଦ ଆକ୍ରମଣ ସମେତ ଅନ୍ୟାନ୍ୟ ସୁରକ୍ଷା ଆହ୍ୱାନକୁ ଦୃଷ୍ଟିରେ ରଖି ସିଆର୍‌ପିଏଫ୍,

ଜାମ୍ମୁକାଶ୍ମୀର ପୋଲିସ ଏବଂ ଶ୍ରୀ ଅମରନାଥଜୀ ସ୍ରାଇନ ବୋର୍ଡ ସହିତ ଯୋଗାଯୋଗ ରକ୍ଷା କରି ସେନାବାହିନୀ ପକ୍ଷରୁ ଯାତ୍ରୀମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ସମଗ୍ର ଯାତ୍ରାପଥରେ ସିଆର୍‌ପିଏଫ୍, ବିଏସ୍‌ଏଫ୍, ଏସ୍‌ଏସ୍‌ବି, ଆଇଟିବିପି ଏବଂ ସିଆଇଏସ୍‌ଏଫ୍‌ର ୪୨ହଜାରରୁ ଊର୍ଦ୍ଧ୍ୱ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯିବା ସହିତ ସିସିଟିଭି କ୍ୟାମେରା ମଧ୍ୟ ସ୍ଥାପନ କରାଯାଇଛି । ଏହାଛଡ଼ା ସମଗ୍ର ମାର୍ଗରେ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ଚିକିତ୍ସା ସେବା ଯୋଗାଇ ଦିଆଯିବା ସହିତ ଗମନାଗମନ ଲାଗି ମଧ୍ୟ ବ୍ୟବସ୍ଥା କରାଯାଇଛି । ଗତ ମେ' ୨୯ ତାରିଖ ଦିନ ଜାମ୍ମୁଠାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଅମରନାଥ ଯାତ୍ରାର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିବା ସହିତ ଏକ ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଥିଲେ ।

## ଇଣ୍ଡିଆ ସେଣ୍ଟ୍ରାଲ ଏସିଆ ଡାଇଲଗ

ଭାରତ-କେନ୍ଦ୍ରୀୟ ଏସିଆ ସମ୍ମିଳନୀର ଚତୁର୍ଥ ବୈଠକ ଆଜିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏହି ବୈଠକରେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି । ଏହାଛଡ଼ା କାଜାକସ୍ତାନ, କିର୍‌ଗିଜ ରିପବ୍ଲିକ, ତାଜିକସ୍ତାନ, ତୁର୍କମେନିସ୍ତାନ ଓ

ଉଜ୍‌ବେକିସ୍ତାନର ମନ୍ତ୍ରୀମାନେ ଏହି ବୈଠକରେ ଯୋଗଦେବେ । ବାଣିଜ୍ୟ, ସଂଯୋଗୀକରଣ, ବୈଷୟିକ ଜ୍ଞାନକୌଶଳ ସମେତ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ କ୍ଷେତ୍ରରେ ଭାରତ ଓ କେନ୍ଦ୍ର ଏସୀୟ ଦେଶଗୁଡ଼ିକ ମଧ୍ୟରେ ସହଯୋଗକୁ କିଭଳି ଅଧିକ ସଶକ୍ତ କରାଯାଇପାରିବ ସେ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯିବ । ଏତଦ୍‌ବ୍ୟତୀତ ଆପୋଷ ସ୍ୱାର୍ଥଜଡିତ ବିଭିନ୍ନ ଆଞ୍ଚଳିକ ଓ ବୈଶ୍ୱିକ ସମସ୍ୟା ସମେତ ଆଞ୍ଚଳିକ ସୁରକ୍ଷା ପ୍ରତି ଆହ୍ୱାନ ସୃଷ୍ଟି କରୁଥିବା ପ୍ରସଙ୍ଗଗୁଡ଼ିକ ମଧ୍ୟ ଏହି ବୈଠକରେ ସ୍ଥାନ ପାଇବ । ଏହି ସମ୍ମିଳନୀର ତୃତୀୟ ବୈଠକ ୨୦୨୧ ମସିହା ଡିସେମ୍ବର ମାସରେ ନୂଆଦିଲ୍ଲୀରେ ଆୟୋଜିତ ହୋଇଥିଲା ।

## ବେଙ୍ଗାଲୁରୁ ଷ୍ଟାମ୍ପେଡ

ଚଳିତବର୍ଷର ଆଇପିଏଲ୍ ଟାଇଟଲ ହାସଲ କରିବା ପରେ ଆର୍‌ସିବି ପକ୍ଷରୁ ବିଜୟ ଉତ୍ସବ ପାଳନ ସମୟରେ ଦଳାଚକଟାରେ ୧୧ଜଣଙ୍କ ମୃତ୍ୟୁ ହୋଇଥିବା ଘଟଣାର ବିଚାର ବିଭାଗୀୟ ତଦନ୍ତ ଲାଗି କର୍ଣ୍ଣାଟକ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଗତକାଲି ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀ ଶ୍ରୀ ସିଦ୍ଧରମୈୟା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି କର୍ଣ୍ଣାଟକ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ମାଇକେଲ୍ ଡି. କୁନାହଙ୍କ ଅଧ୍ୟକ୍ଷତାରେ ଜଣିକିଆ ବିଚାର ବିଭାଗୀୟ କମିଟି ଏହି ଦୁର୍ଘଟଣାର ତଦନ୍ତ କରିବେ । କମିଶନ ୩୦ ଦିନ ମଧ୍ୟରେ ରିପୋର୍ଟ ଦାଖଲ

କରିବେ ବୋଲି ସେ କହିଛନ୍ତି । ଏହାଛଡା କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ଏହି ଦୁର୍ଘଟଣା ଲାଗି ବେଙ୍ଗାଲୁରୁର ପୋଲିସ କମିଶନର ବି. ଦୟାନନ୍ଦଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି । ଏଥିସହିତ ସଂପୃକ୍ତ ଉତ୍ସବ ଆୟୋଜନ କରିଥିବା ଇଭେଣ୍ଟ ପରିଚାଳନା ଫାର୍ମ, କର୍ଣ୍ଣାଟକ ରାଜ୍ୟ କ୍ରିକେଟ ସଂଘ ଏବଂ ଆର୍‌ସିବି ଦଳର ପ୍ରତିନିଧି ମାନଙ୍କୁ ମଧ୍ଯ ଗିରଫ କରିବା ଲାଗି ମୁଖ୍ୟମନ୍ତ୍ରୀ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ସେମାନଙ୍କ ବିରୁଦ୍ଧରେ ବିଭିନ୍ନ ଦଫାରେ ଏଫ୍‌ଆଇଆର୍ ମଧ୍ଯ ପଞ୍ଜିକୃତ କରାଯାଇଛି ।

ଅନ୍ୟପକ୍ଷରେ ବିଜେପିର ଜାତୀୟ ମୁଖପାତ୍ର ତଥା ସାଂସଦ ସମ୍ବିତ ପାତ୍ର ଏହି ଦୁର୍ଘଟଣାକୁ ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଥିବା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କର ଇସ୍ତଫା ଦାବି କରିଛନ୍ତି ।

## ଅଲ୍ ପାର୍ଟି ଡେଲିଗେସନ

ସାଂସଦ ଡକ୍ଟର ଶଶୀ ଥରୁରଙ୍କ ନେତୃତ୍ୱରେ ଯୁକ୍ତରାଷ୍ଟ୍ର ଆମେରିକା ଗସ୍ତ କରିଥିବା ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଗତକାଲି ରାତିରେ ୱାଶିଂଟନ୍ ଡିସିଠାରେ ଉପରାଷ୍ଟ୍ରପତି ଜେ.ଡି.ଭାନ୍ସଙ୍କ ସହିତ ସାକ୍ଷାତ୍ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ଯମରେ ପୋଷ୍ଟ କରି ଶ୍ରୀ ଥରୁର କହିଛନ୍ତି ଆତଙ୍କବାଦକୁ ପ୍ରତିହତ କରିବାଠାରୁ ଆରମ୍ଭ କରି ବୈଷୟିକ ଜ୍ଞାନକୌଶଳ ସହଯୋଗ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା

କରାଯାଇଛି । ଭାରତ-ଆମେରିକା ରଣନୀତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ଏହି ଆଲୋଚନା ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବା ସହିତ ଫଳପ୍ରଦ ହୋଇଛି ବୋଲି ଶ୍ରୀ ଥରୁର୍ କହିଛନ୍ତି । ଏହାଛଡା ଅପରେସନ ସିନ୍ଦୂର ମାଧ୍ୟମରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ବିଲୋପ କରିବା ଦିଗରେ ଭାରତର ପଦକ୍ଷେପ ସମ୍ପର୍କରେ ଏହି ପ୍ରତିନିଧି ମଣ୍ଡଳୀ ସେଠାରେ ବସବାସ କରୁଥିବା ଭାରତୀୟ ସମ୍ପ୍ରଦାୟଙ୍କ ସହିତ ମଧ୍ୟ କଥାବାର୍ତ୍ତା କରିଛନ୍ତି ।

## ଟ୍ରମ୍ପ-ପୁଟିନ ଟକ୍ସ

ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ରୁଷ୍ ପ୍ରତିପକ୍ଷ ଭ୍ଲାଦିମିର୍ ପୁଟିନଙ୍କ ସହିତ ରୁଷ୍-ୟୁକ୍ରେନ୍ ଦ୍ୱନ୍ଦ୍ୱ ଏବଂ ମଧ୍ୟପ୍ରାଚ୍ୟ ସ୍ଥିତି ସମ୍ପର୍କରେ ଟେଲିଫୋନ୍ ଯୋଗେ ଆଲୋଚନା କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଏହି କଥାବାର୍ତ୍ତା ୟୁକ୍ରେନ୍‌ରେ ତୁରନ୍ତ ଶାନ୍ତି ପ୍ରତିଷ୍ଠା ଦିଗରେ ସହାୟକ ହେବ ନାହିଁ ବୋଲି ରାଷ୍ଟ୍ରପତି ପୁଟିନ ମତବ୍ୟକ୍ତ କରିଛନ୍ତି । ଏହାଛଡା ସମ୍ପ୍ରତି ରୁଷ୍‌ର ବିମାନଘାଟି ଉପରେ ୟୁକ୍ରେନ୍ କରିଥିବା ଆକ୍ରମଣର ଉପଯୁକ୍ତ ଜବାବ ଦିଆଯିବ ବୋଲି ସେ କହିଛନ୍ତି । ରାଷ୍ଟ୍ରପତି ଟ୍ରମ୍ପ’ ପୁଟିନଙ୍କ

ସହିତ ଏହି ୭୫ ମିନିଟ୍‌ର କଥାବାର୍ତ୍ତାକୁ ସକାରାତ୍ମକ ବୋଲି ଅଭିହିତ କରିଛନ୍ତି ।

## ଇଣ୍ଡୋନେସିଆ ଓପନ ବ୍ୟାଡମିଣ୍ଟନ

ଇଣ୍ଡୋନେସିଆ ଓପନ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସ ବର୍ଗର କ୍ୱାର୍ଟରଫାଇନାଲରେ ଭାରତର ଚିରାଗ ସେଟ୍ଟୀ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀଙ୍କ ଯୋଡ଼ି ଆଜି ଜାକର୍ତ୍ତାଠାରେ ମାଲେସିଆର ମାନ୍ ୱି ଜୋଙ୍ଗ ଓ ତି କାଇ ଉନ୍‌ଙ୍କ ଯୋଡ଼ିକୁ ଭେଟିବେ । ପୂର୍ବରୁ ଭାରତର ଏହି ଯୋଡ଼ି ପ୍ରି-କ୍ୱାର୍ଟର ଫାଇନାଲରେ ଡେନ୍‌ମାର୍କର ରାସ୍‌ମସ ଜେର୍ ଏବଂ ଫ୍ରେଡେରିକ୍ ସୋଗାର୍ଡଙ୍କ ଯୋଡ଼ିକୁ ୨-୧ରେ ପରାସ୍ତ କରିଥିଲେ ।

ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସ ବର୍ଗରେ ଭାରତର ପି.ଭି. ସିନ୍ଧୁ ପ୍ରି-କ୍ୱାର୍ଟରଫାଇନାଲରେ ଥାଇଲାଣ୍ଡର ପର୍ଣ୍ଣପାଇ ଚୋଚୁଅଙ୍ଗଙ୍କ ଠାରୁ ପରାସ୍ତ ହୋଇଛନ୍ତି । ସେହିଭଳି ମହିଳା ଡବଲ୍ସ ବର୍ଗରେ ମଧ୍ୟ ଭାରତର ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ ଯୋଡ଼ି’ ଜାପାନର ମାୟୁ ମୋତ୍‌ସୁମୋଟୋ ଏବଂ ୟୁକି ଫୁକୁସିମା ଯୋଡ଼ିଠାରୁ ହାରିଯାଇଛନ୍ତି ।

# ଫ୍ରେଞ୍ଚ ଓପନ୍

ଫ୍ରେଞ୍ଚ ଓପନ ଟେନିସ୍‌ର ମହିଳା ସିଙ୍ଗଲ୍ସ ବର୍ଗର ଫାଇନାଲରେ ଯୁକ୍ତରାଷ୍ଟ୍ର ଆମେରିକାର କୋକୋ ଗଫ୍ ପ୍ରବେଶ କରିଛନ୍ତି । ସେମିଫାଇନାଲରେ ସେ ଲୁଇସ୍ ବୋଇସନଙ୍କୁ ୬-୧, ୬-୨ରେ ପରାସ୍ତ କରିଛନ୍ତି । ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ଫାଇନାଲରେ କୋକୋ ଗଫ୍’ ବେଲାରୁଷ୍‌ର ଆରିନା ସାବାଲେଙ୍କାଙ୍କୁ ଭେଟିବେ ।